# ପାରାଦୀପରୁ ପୁରୀ ଟ୍ରେନ୍ ଚଳାଚଳ ଦାବି

## ହରିଦାସପୁର-ପାରାଦୀପ ରେଳପଥ

**ଚଣ୍ଡିଖୋଲ, ୧୪।୩(ପ୍ରଦୀପ୍ତ କୁମାର ପୃଷ୍ଟି):**



ଚଣ୍ଡିଖୋଲ ରେଲ୍‌ୱେ ଲାଇନ।

ହରିଦାସପୁର-ପାରାଦୀପ ପୂର୍ବତଟ ରେଳପଥରେ ଏପର୍ଯ୍ୟନ୍ତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ କରିନାହିଁ। କେବଳ ଗୋଟିଏ ମାତ୍ର ପାସେଞ୍ଜର ଟ୍ରେନ ପାରାଦୀପରୁ କେନ୍ଦୁଝରକୁ ଚାଲୁଛି। ତେଣୁ ଏହି ରେଳପଥରେ ପାରାଦୀପରୁ ଭାୟା କଟକ ଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଏକ ଏକ୍ସପ୍ରେସ ଟ୍ରେନ ତୁରନ୍ତ ଚଳାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଏହି ରେଳପଥଟି ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲା ଦେଇ ଅତିକ୍ରମ କରିଛି। ପ୍ରଥମ କରି ୨୦୨୦ ଜୁନ ୩୦ରେ ହରିଦାସପୁର-ପାରାଦୀପ ରେଳପଥରେ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ କରିଥିଲା। ଏହାପରେ ପାସେଞ୍ଜର ଟ୍ରେନ ଚଳାଚଳ ନିମନ୍ତେ ଦାବି ଉଠିବା ସହ ରେଳରୋକୋ କରାଯାଇଥିଲା। ସେତେବେଳେ ରେଲ୍‌ୱେ ପକ୍ଷରୁ କରୋନା ମହାମାରୀ ବ୍ୟାଧିର ଭୟାନକ ରୂପଥିବାରୁ ପରେ ପାସେଞ୍ଜର ଟ୍ରେନ ଚଳାଚଳ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାଲବାହୀ ଟ୍ରେନ୍ ଚାଲିବାର ୩ ବର୍ଷ ପରେ ଅର୍ଥାତ ୨୦୨୩ରେ ପ୍ରଥମ କରି ପାରାଦୀପରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ଟ୍ରେନ ଚଳାଚଳ ଆରମ୍ଭ କରିଥିଲା। ଏପର୍ଯ୍ୟନ୍ତ ଏହି ଟ୍ରେନ ସକାଳେ କେନ୍ଦୁଝର ଯାଉଥିବାବେଳେ ସନ୍ଧ୍ୟାରେ ପାରାଦୀପକୁ ଫେରୁଛି। ତେବେ ସାଧାରଣ ଲୋକଙ୍କର ବିଶେଷତ କଟକ, ଭୁବନେଶର ଓ ପୁରୀଯିବାର ଆବଶ୍ୟକତା ରହିଛି। ସେଥିପାଇଁ ଏହି ରେଳପଥରେ ଏକ ଟ୍ରେନ ପୁରୀ ପର୍ଯ୍ୟନ୍ତ ଚଳାଚଳ କରିବାକୁ ରୁଦ୍ରପ୍ରସନ୍ନ ସାମଲ, ବିଳାସ ଚନ୍ଦ୍ର ବାରିକ, ଅମରେନ୍ଦ୍ର ସିଂହ, ବିଶ୍ୱପ୍ରକାଶ ସାମଲ, ବସନ୍ତ କୁମାର ସାମଲ ଓ ପ୍ରଭାସ କୁମାର ଦାଶ ପ୍ରମୁଖ ଦାବି କରିଛନ୍ତି।

ସେମାନେ ଦାବି କରିଛନ୍ତି, କେନ୍ଦୁଝର ସହ ଦୈନିକ ଯାତାୟାତରେ ବିଶେଷ କାର୍ଯ୍ୟ ନ ଥାଏ। ସାଧାରଣତଃ କଟକ, ଭୁବନେଶ୍ୱର ଓ ପୁରୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଦୈନିକ ଲୋକେ ଯାତାୟାତ କରିଥାନ୍ତି। ତେଣୁ ଏହି ରେଳପଥରେ ସ୍ୱତନ୍ତ୍ର ଟ୍ରେନ ଦୈନିକ ଚଳାଚଳ କରିବା ଉଚିତ। ଏହି ରେଳପଥ ୩ ଜିଲା ଦେଇ ଯାଇଥିବାବେଳେ ୮ ରେଳ ଷ୍ଟେଶନ ରହିଛି। ଏହି ଷ୍ଟେଶନଗୁଡ଼ିକ ସମ୍ପୂର୍ଣ୍ଣ ଫାଙ୍କା ରହୁଛି। ୨୦୦୭ରେ ଯେତେବେଳେ ଏହି ରେଳପଥ କାର୍ଯ୍ୟ ଆରମ୍ଭ କରାଗଲା ସେତେବେଳେ ଘୋଷଣା କରଯାଇଥିଲା ଯେ, ଏହି ରେଳପଥ ନିର୍ମାଣ ହେଲେ ୩ ଜିଲା ଲୋକେ ଉପକୃତ ହେବେ। ମାତ୍ର ରେଳପଥ ସମ୍ପୂର୍ଣ୍ଣ ହେବା ଏହା ମଧ୍ୟରେ ୬ ବର୍ଷ ବିତିଗଲାଣି। ଦୈନିକ ୩୦ରୁ ଊର୍ଦ୍ଧ୍ୱ ମାଲବାହୀ ଟ୍ରେନ ଚଳାଚଳ କରୁଥିବାବେଳେ ଗୋଟିଏ ବି ଏକ୍ସପ୍ରେସ ଟ୍ରେନ ଏପର୍ଯ୍ୟନ୍ତ ଚାଲି ପାରିଲାନାହିଁ।

## ସଂକ୍ଷେପରେ

### ସାମାଜିକ କର୍ମୀ କାର୍ତ୍ତିକ ନାୟକଙ୍କ ପରଲୋକ

ଚଣ୍ଡିଖୋଲ, ୧୪।୩ (ପ୍ରଦୀପ୍ତ କୁମାର ପୃଷ୍ଟି):



ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ଗ୍ରାମର ସାମାଜିକ କର୍ମୀ କାର୍ତ୍ତିକ ନାୟକ (୭୦)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅଣକା ପଞ୍ଚାୟତ ବିଜେଡି ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ବତନ ମନ୍ତ୍ରୀ ଅମର ଶତପଥୀଙ୍କ ଘନିଷ୍ଠ ସହଯୋଗୀ ଭାବେ ରହି ଅଣକା ପଞ୍ଚାୟତର ଜନକଲ୍ୟାଣ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଥିଲେ। ସେ କିଛି ଦିନ ଲିଭର ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ପଞ୍ଚାୟତରେ ଶୋକପ୍ରକାଶ ପାଇଛି। ଏଥିସହିତ ବାଲିଚନ୍ଦ୍ରପୁର, ମାଣ୍ଡୁକା, କୁନ୍ଦଳ, ଆଦି ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଖବର ପାଇଁ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କ୍ୟାପଟେନ ରାଜନାରାୟଣ ମହାପାତ୍ର, ସର୍ବେଶ୍ୱର ମହାପାତ୍ର, ପ୍ରାକ୍ତନ ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ଗଣେଶ୍ୱର ସାମଲ, ବାନାମ୍ବର ଲେଙ୍କା, ନିରଞ୍ଜନ ବିଶ୍ୱାଳ, ଦୀପକ ସାମଲ, ପ୍ରକାଶ ଚନ୍ଦ୍ର ସାମଲ, ପ୍ରାକ୍ତନ ସରପଞ୍ଚ ରତ୍ନମଞ୍ଜରୀ ନାୟକ ପ୍ରମୁଖ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଅରୂପ ଅଞ୍ଜନ ନାୟକ ମୁଖାଗ୍ନି ଦେଇଥିଲେ।

### ଗ୍ରାମାଞ୍ଚଳରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ

ବଡ଼ଚଣା, ୧୪।୩(ଦିଲୀପ କୁମାର ମହାନ୍ତି): ମଧ୍ୟପ୍ରାଚ୍ୟରେ ଯୁଦ୍ଧଯୋଗୁ ଏବେ ବଡ଼ଚଣା ବ୍ଲକ୍‌ର ଗ୍ରାମାଞ୍ଚଳରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ଦେଖିବାକୁ ମିଳୁଛି। ଗ୍ୟାସ ରି ଫିଲିଂ ପାଇଁ ବୁକିଂ କଲେ ଠିକ୍ ସମୟରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ବ୍ଲକର ବନ୍ତଳା, ଉପୁଳା, ଚଣ୍ଡିତଳ, ହରିପୁର, ସୋଲର, ବୈରୀ, ଶକୁନ୍ତଳାପୁର, ବନ୍ଦାଳ, ଧାନମଣ୍ଡଳ, ସାତଲୁଣ୍ଡା, ସିହା, ଦର୍ପଣ ଆଦି ଅନେକ ଗ୍ରାମାଞ୍ଚଳରେ ଗ୍ୟାସ ସିଲିଣ୍ଡର ମିଳିବାରେ ବିଳମ୍ବ ହେଉଛି। ପ୍ରଥମ କରି ଗ୍ରାମାଞ୍ଚଳରେ ଗ୍ୟାସ ସିଲିଣ୍ଡର ରିଫିଲଂ ସମୟ ସୀମା ୪୫ଦିନକୁ ବଢ଼ାଇ ଦିଆଯାଇଛି। ଏବେ ବଡ଼ଚଣା ଅଞ୍ଚଳରେ ଥିବା ଅନେକ ହୋଟେଲରେ ଗ୍ୟାସ ସିଲିଣ୍ଡର ଅଭାବଥିବାରୁ ହୋଟେଲ ପରିଚାଳନାରେ ଅସୁବିଧା ହେଉଛି। ଏପରିକି ଖାଦ୍ୟର ଦର ବୃଦ୍ଧିପାଇଛି। ଆଗାମୀ ଦିନରେ ଯଦି ଗ୍ୟାସ ସଙ୍କଟରେ ସୁଧାର ନ ଆସେ ତେବେ ରୋଷାଇ କରିବାରେ ସମସ୍ୟା ସୃଷ୍ଟିହେବ ବୋଲି ଆଲୋଚନା ହେଉଛି। ସେହିପରି ଚଣ୍ଡିଖୋଲରେ ଥିବା ଗ୍ୟାସ କମ୍ପାନୀଗୁଡ଼ିକର ଏଜେନ୍ସିମାନେ ବୁକିଂ କରିଥିବା ଉପଭୋକ୍ତାଙ୍କ ଫୋନ ଉଠାଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ବ୍ଲକ୍ ଯୋଗାଣ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଲୋକ ଅଦାଲତରେ ୨୬୦୦ ମାମଲା ଫଇସଲା

**କେନ୍ଦ୍ରାପଡ଼ା, ୧୪।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୬୦୦ ମାମଲାର ଫଇସଲା ହୋଇ ୨୨, ୩୮, ୫୩୭୧ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏଥିରେ ୮୮୪୯ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ଚେକ୍ ବାଉନ୍ସ ୧୯ଟି ମାମଲା ସମାଧାନ ହୋଇଥିଲା । ସେହିପରି ଟଙ୍କା ପୁନରୁଦ୍ଧାର, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ମାମଲା, ରାଜସ୍ୱ ମାମଲା ଆଦିର ଶୁଣାଣି ସହ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦର ସମାଧାନ ହୋଇଥିଲା । ଏହି ମାମଲାଗୁଡିକୁ ଜିଲା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଜ୍ଞା ପାରମିତା ରାଉଳ, ପରିବାର ଅଦାଲତ ଜଜ୍ ଦେବାଶିଷ ପଣ୍ଡା, ଏଡିଜେ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ସରିତା ମହାନ୍ତି, ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକଙ୍କ ସହ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ ।

# ଗଡ଼ମଧୁପୁର ମେଳଣ ଉଦ୍‌ଯାପିତ

**ଚଢ଼େଇଧରା, ୧୪।୩ (ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ପ୍ରସିଦ୍ଧ ଦୋଳ ମେଳଣ ଶୁକ୍ରବାର ରାତିରୁ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ବିମାନ ଆସି କୁକୁଡାଖାଲି ଛକରେ ଏକତ୍ରିତ ହୋଇଥିଲେ। ପ୍ରଥମେ ଗଡ଼ମଧୁପୁର ବିମାନ ଥାନାପତି ଆସନ ଅଳଙ୍କୃତ କରିଥିଲେ। ପରେ ମଧୁପୁରଗଡ଼ ତଳସାହି, କୁକୁଡ଼ାଖାଳି, ସେବତୀପୁର, ନରସିଂହପୁର, ଗୋଉଡ଼ତଳୀ, କୃଷ୍ଣପଶି, ଦୈଲତପୁର ଆଦି ରାଧାକୃଷ୍ଣ ବିମାନ ଯୋଗଦେଇଥିଲେ। ପ୍ରତ୍ୟେକ ଦୋଳ ବିମାନ ସମ୍ମୁଖରେ ବାଜା, ବାଣ ରୋଷଣୀ ସହ ଘୋଡ଼ା ନାଚ ପରିବେଷଣ କରାଯାଇଥିଲା। ସଙ୍କୀର୍ତ୍ତନ ଦଳ ହୋରୀ ଗୀତର ତାଳେ ତାଳେ ନୃତ୍ୟକରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଏହି ଦୋଳ ମେଳଣ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ମେଳଣ କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅତିଥିଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମା’ ମିନତି ସାହୁ ଯୋଗଦେଇ ପ୍ରଭୁ ରାଧାକୃଷ୍ଣଙ୍କ କୃପାଲାଭ କରିଥିଲେ। ଗଡ଼ମଧୁପୁର ମେଳଣ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଜେନାପୁର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଗଡ଼ମଧୁପୁର ମେଳଣକୁ ଆସିଥିବା ଦୋଳବିମାନ।

## କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ ଚରିତ ମାନସ

ଡେରାବିଶ, ୧୪।୩(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ମେଳଣ ପଡ଼ିଆ ସ୍ଥିତ ମା’ କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ କୃପା ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ପୀଠରେ ଘଟସ୍ଥାପନ କରାଯିବା ସହ ବ୍ୟାସଜୀ ପଣ୍ଡିତ ହୃଷୀକେଶ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟହ ପ୍ରତ୍ୟୁଷରେ ହନୁମାନ ଚାଲିଶା ପାଠ କରାଯିବା ସହ ତୁଳସୀ ଦାସଙ୍କ ରଚିତ ଶ୍ରୀରାମ ଚରିତ ମାନସ ପାଠ କରାଯାଉଛି। ସନ୍ଧ୍ୟାରେ ପ୍ରବଚକ ସୁଶ୍ରୀ ସୋନାଲି ଦାସ, ପଣ୍ଡିତ ପ୍ରଦୀପ୍ତ କାନୁନ୍‌ଗୋ, ସନ୍ଥ ପୁରୁଷୋତ୍ତମ ମହାରାଜ, ଅଧ୍ୟାପକ ସାରଦା ପ୍ରସନ୍ନ କର ଓ ସନ୍ଥ ଆଶୀର୍ବାଦ ମହାରାଜ ପ୍ରମୁଖ ଆଶ୍ରୀବଚନ ପ୍ରଦାନ କରୁଛନ୍ତି। ମଙ୍ଗଳବାର ଏହି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ହେବାକୁ ଥିବା ବେଳେ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ହରିଅଙ୍କ ଗ୍ରାମବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ବସନ୍ତପୁର ଅଗ୍ନି ବିପନ୍ନଙ୍କୁ ପାଟକୁରା କଂଗ୍ରେସର ସହାୟତା

ପାଟକୁରା, ୧୪।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତି ଗ୍ରସ୍ତ ହୋଇଥିବା ୬ ପରିବାରକୁ ପାଟକୁରା କଂଗ୍ରେସ ନେତା ଡ:ରତିକାନ୍ତ କାନୁନଗୋ ସହାୟତାର ହାତ ବାଢ଼ିଛନ୍ତି। ଶନିବାର ଅପରାହ୍ନରେ ଅଗ୍ନିବିପନ୍ନ ଚକ୍ରଧର ମଲ୍ଲିକ, ଦୀପକ କୁମାର ମଲ୍ଲିକ, ଦିଲ୍ଲୀପ କୁମାର ମଲ୍ଲିକ, ଗଗନ ମଲ୍ଲିକ, ଧୂଳେଶ୍ୱର ମଲ୍ଲିକ ଓ ଦୋଳଗୋବିନ୍ଦ ମଲ୍ଲିକଙ୍କୁ ଗୋଟିଏ ଲେଖା ପଲିଥିନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କାନୁନଗୋଙ୍କ ସହିତ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡା, ପ୍ରତାପ ଲେଙ୍କା, ରମାକାନ୍ତ ସ୍ୱାଇଁ, କୁମର ପାଣି, ରଞ୍ଜନ ପରିଜା, ପ୍ରମୋଦ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଖଗେଶ୍ୱର ପଣ୍ଡା, ନିକୁଞ୍ଜ ବିହାରୀ ମହାପାତ୍ର ଓ ଦେବେନ୍ଦ୍ର ଦାଶ ପ୍ରମୁଖ ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇଥିଲେ।

## ଧର୍ମଶାଳା ପଞ୍ଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷଙ୍କ ପରଲୋକ

ଧର୍ମଶାଳା, ୧୪।୩(ବଟକୃଷ୍ଣ ପରିଡ଼ା):



ନିରଞ୍ଜନ ବଳ।

ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ନିରଞ୍ଜନ ବଳ(୫୬)ଙ୍କ ଶୁକ୍ରବାର ରାତି ୩ଟା୨୦ରେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ ମଙ୍ଗଳବାର ହଠାତ ଅସୁସ୍ଥ ଅନୁଭବ କରିବାରୁ ପରିବାରଲୋକେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡମେଡିକାଲକୁ ପଠାଇଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିଲେ। ବଳ ଜଣେ ଦକ୍ଷ ରାଜନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୨୦୦୨ରେ ପଟୁଣିଆ ପଞ୍ଚାୟତରୁ ସମିତିସଭ୍ୟଭାବେ ନିର୍ବାଚିତ ହୋଇ ଧର୍ମଶାଳା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ପଦ ହାତେଇଥିଲେ। ୨୦୦୯ରୁ୨୦୧୯ ଯାଏ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଜଣେ ଜନପ୍ରତିନିଧି, ରାଜନେତା ଓ ଧର୍ମପରାୟଣ ବ୍ୟକ୍ତି ଭାବରେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଭାଜପା ନେତା ରାଜେଶ ପାଳ, ଅଭିଷେକ ରାଉତ, ଧର୍ମଶାଳା ପଞ୍ଚାୟତ ସମିତି ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି, ବିଜେଡି ବ୍ଲକ ସଭାପତି ପ୍ରସନ୍ନ ରାଉତ, ପୂର୍ବତନ ସରପଞ୍ଚ ସନ୍ତୋଷ ଜେନା, ନିର୍ମଳ ସାମଲ, ପଟୁଣିଆ ସରପଞ୍ଚ ବୈଶାଳୀ ରାଉତ, ଫକୀର ନାରାୟଣ ମିଶ୍ର, ସଞ୍ଜୟ ରାୟ ଓ ପ୍ରିୟନାଥ ମହାପାତ୍ର ପହଞ୍ଚି ବଳଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡ଼ଝିଅ ଡାକ୍ତର ଅମ୍ଲାନୀ ସତ୍ୟାପ୍ରଜ୍ଞା ବଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଯାଜପୁରରୋଡ୍, ୧୪।୩(ପବିତ୍ର ରଞ୍ଜନ ମହାନ୍ତି):

ଏକ ଭଡ଼ାଘରେ ରହୁଥିବା ଜଣେ ଯୁବକ ରଶିଲଗାଇ ଆତ୍ମହତ୍ୟା କରିଥିବା ଶନିବାର ଜଣାପଡ଼ିଛି। ମୃତ ଯୁବକ ହେଲେ ଭଦ୍ରକ ଜିଲା ଆଗରପଡ଼ା ଥାନା ପୁରୁଷଣ୍ଡା ଗ୍ରାମର ପାଗଳ ସାହୁଙ୍କ ପୁଅ ଟୁନା ସାହୁ (୩୬)। ଯାଜପୁରରୋଡ୍ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଆରମ୍ଭ କରିଛି।

ଟୁନା ଯାଜପୁରରୋଡ୍ ଶଙ୍ଖଚିଲା ରାସ୍ତାର ଭାରତ ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଭଡାଘରେ ସ୍ତ୍ରୀ ଓ ୨ ପିଲାଙ୍କ ସହ ରହୁଥିଲେ। ସେ ଶୁକ୍ରବାର ପାଣିକୋଇଲି ଥାନା ଛୋଟରାୟପୁର ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ପରିବାର ସହ ଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ପାରିବାରିକ କଳହ ସୃଷ୍ଟି ହୋଇଥିଲା। ଏହାପରେ ଟୁନା କାହାକୁ କିଛି ନ କହି ସେଠାରୁ ନିଜ ଭଡ଼ାଘରକୁ ଏକା ଫେରି ଆସିଥିଲେ। ଶନିବାର ସକାଳ ହେବାପରେ ଶ୍ୱଶୁର ଘର ଲୋକେ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ଶାଳକ ଟୁନା ରହୁଥିବା ଭଡ଼ଘରକୁ ଆସିଥିଲେ। ଘର କବାଟ ଭିତରପଟୁ ବନ୍ଦ ଥିବା ଦେଖି ସେ ଡାକ ପକାଇଥିଲେ। ହେଲେ ଭିତରୁ କୌଣସି ଜବାବ ଆସି ନ ଥିଲା। ଶାଳକଙ୍କ ସନ୍ଦେହ ହେବାରୁ ସେ ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଭାଙ୍ଗିଥିଲେ। ଏହି ସମୟରେ ଗାଧୁଆ ଘରେ ଏକ ହୁକ୍ ସାହାଯ୍ୟରେ ବେକରେ ରଶିଲଗାଇ ଟୁନା ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏନେଇ ଟୁନାଙ୍କ ଶ୍ୱଶୁର ବିଜୟ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ପାରିବାରିକ କଳହରୁ ଏପରି ଘଘଟଣା ଘଟିଥିବା ଥାନା ଅଧିକାରୀ ଆଶିଷ ସାହୁ କହିଛନ୍ତି।

## ପରିବର୍ତ୍ତନ ସଂକଳ୍ପ ସଭାର ସିଧାପ୍ରସାରଣ

**ଭଦ୍ରକ, ୧୪।୩(ସନାତନ ରାଉତ)**

ପଶ୍ଚିମବଙ୍ଗର ବ୍ରିଗେଡ୍ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନ ସଂକଳ୍ପ ସଭାର ସିଧାପ୍ରସାରଣ ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯାଇଛି। ଜିଲାର ବେଙ୍ଗଲୀ ବଙ୍ଗୀୟ ଟୋଲି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ତପନ ମହାନ୍ତି, ବଙ୍ଗୀୟ ଟୋଲିର ଜିଲା ସଂଯୋଜକ ବିଜୟ ରାମ, ଜିଲା ଉପସଭାପତି ଅଜୟ ନାୟକ, ସମୀର ଗୋସ୍ୱାମୀ, ହୃଷୀକେଶ ଗୋସ୍ୱାମୀ, ସନ୍ଦୀପ ମଜୁମଦାର, ସୁଜିତ ପାଲ୍‌ଙ୍କ ସମେତ ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ଥିଲେ। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ଚାଲୁଥିବା ଭ୍ରଷ୍ଟ ସରକାର ବିରୋଧରେ ଲଢ଼େଇ ଜାରି ରଖିବେ ବୋଲି ବଙ୍ଗୀୟ ଭାଇ ଓ ଭଉଣୀମାନେ ଶପଥ ନେଇଥିଲେ।

# ନବନିର୍ମାଣ କୃଷକ ସଂଗଠନ ବୈଠକରେ ଫାଟ

**ରାଜ୍ୟ ସହସଂଯୋଜକ ଓ ଜିଲା ସଂଯୋଜକଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ**

**ଧର୍ମଶାଳା/କାଏମା, ୧୪।୩ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲା ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବୈଠକ ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗୋକର୍ଣ୍ଣେଶ୍ୱର ପୀଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିବାବେଳେ ସଂଗଠନ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବୈଠକ ଆରମ୍ଭରୁ ହୋହଲ୍ଲା ହେବା ସହ ଚାଷୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। କେତେଜଣ ଚାଷୀ ଏହି ବୈଠକରେ ସଂଗଠନ ମୁଖ୍ୟଙ୍କ ଅନୁପସ୍ଥିତ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଜାତୀୟ ପତାକା ହଲାଇ ଏହାକୁ ବିରୋଧ କରିଥିଲେ। ଫଳରେ ପରିସ୍ଥିତି କିଛି ସମୟ ପାଇଁ ଉତ୍ତେଜନା ପୂର୍ଣ୍ଣ ହୋଇଥିଲା। ଶେଷରେ ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡି. ମନୱର ଅଲ୍ଲୀ ଓ ଅନ୍ୟ ସଦସ୍ୟମାନେ ମଧ୍ୟସ୍ଥତା କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ସୂଚନା ଅନୁଯାୟୀ, ସଂଗଠନ ପକ୍ଷରୁ ବିଭିନ୍ନ କୃଷକ ସମସ୍ୟା ଓ ଦାବି ନେଇ ଆସନ୍ତା ୨୨ରୁ ୩୧ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରା ପାଇଁ ଏହି ବୈଠକ ଡକାଯାଇଥିଲା। ବୈଠକରେ ଚୌଧୁରୀ ଜେନା ସଭାପତିତ୍ୱ କରିଥିଲେ। କିନ୍ତୁ ବୈଠକ ସମୟରେ ସଂଗଠନର ରାଜ୍ୟ ସହ-ସଂଯୋଜକ ନିମାଇଁ ରାୟ ଓ ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାସଙ୍କ ଅନୁପସ୍ଥିତିକୁ ନେଇ କେତେଜଣ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ କେନ୍ଦ୍ରକରି ସଂଗଠନର କର୍ମକର୍ତ୍ତା ଓ କେତେଜଣ ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜିଲା ସଂଯୋଜକ ମଧବାନନ୍ଦ ଶାନ୍ତି ବୈଠକକୁ ବିରୋଧ କରିବା ସହ ସଂଗଠନ ମଧ୍ୟରେ କେତେଜଣ ସଦସ୍ୟ ଚଞ୍ଚକତା କରୁଥିବା ଅଭିଯୋଗ କରିଥିଲେ। ସେ କହିଥିଲେ, କେତେଜଣ ସଦସ୍ୟ ଧାନ ମଣ୍ଡି ଓ ନେତାଙ୍କଠାରୁ ମୋଟା ଟଙ୍କା କାରବାର କରି ଦିନରେ ବସନ୍ତ ରାତିରେ ବାସନ୍ତୀ ହୋଇ ଚାଷୀଙ୍କ ସହ ଖେଳ ଖେଳୁଛନ୍ତି। ଏ ସମ୍ପର୍କରେ ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଅଲ୍ଲୀ କହିଛନ୍ତି, ବୈଠକ ସମ୍ପର୍କରେ ଗ୍ରୁପ ମ୍ୟାସେଜ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସଂଗଠନରେ ବହୁ ସଦସ୍ୟ ରହିଥିବାରୁ ସାମାନ୍ୟ ମନୋମାଳିନ୍ୟ ହୋଇଛି। ଏହାର ସମାଧାନ କରାଯିବ।



ବୈଠକରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

# ବୋତଲ ପାଣି ବିଶୁଦ୍ଧତାକୁ ନେଇ ପ୍ରଶ୍ନ

- ବଜାରରେ ମିଳୁଛି ବିନା ଲାଇସେନ୍ସ କମ୍ପାନୀର ପାଣି
- ଯାଞ୍ଚ ପାଇଁ ବିଭିନ୍ନ ମହଲରେ ଦାବି

**କାଏମା, ୧୪।୩(ଶିବ ପ୍ରସାଦ ମହାନ୍ତି):**



ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଥିବାଲୋକେ ଶୋଷ ମେଣ୍ଟାଇବାକୁ ଦୋକାନରେ ବିକ୍ରି ହେଉଥିବା ବୋତଲ ପାଣି ଉପରେ ନିର୍ଭର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କିଛି ଭଲ କମ୍ପାନୀର ପାଣି ବୋତଲ ବିକ୍ରି ହେଉଥିବାବେଳେ ଅନେକ ଦୋକାନରେ ବିନା ଲାଇସେନ୍ସ କମ୍ପାନୀର ପାଣି ବୋତଲ ଓ ପାଣି ପାଉଚ ବିକ୍ରି ହେଉଛି। ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଏଭଳି ପାଣି ବୋତଲ ଓ ପାଣି ପାଉଚ ଦେଖିବାକୁ ମିଳୁଛି। ଫଳରେ ଏହାର ବିଶୁଦ୍ଧତାକୁ ନେଇ ଉଠୁଛି ପ୍ରଶ୍ନ। ବର୍ତ୍ତମାନ ଗ୍ରୀଷ୍ମର ପ୍ରଭାବ ବଢ଼ିବାରେ ଲାଗିଛି। ଆଗକୁ ଏହାର ପ୍ରଭାବ ଆହୁରି ବଢ଼ିବ। ପୂର୍ବାହ୍ନ ୧୦ଟାପରେ ବାହାରକୁ ବାହାରିବା ଧୀରେଧୀରେ କଷ୍ଟକର ହେଲାଣି। ଏଭଳି ପରିସ୍ଥିତିରେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଥିବା ଲୋକେ ଶୋଷ ମେଣ୍ଟାଇବାକୁ ଦୋକାନରେ ବିକ୍ରି ହେଉଥିବା ଯେକୌଣସି ପାଣି ବୋତଲ ପିଇ ଦେଉଛନ୍ତି। ସେହିପରି ବିବାହ ଭୋଜିଠାରୁ ଆରମ୍ଭ କରି ଯେକୌଣସି କାର୍ଯ୍ୟକ୍ରମ ଆୟୋଜନ କରାଗଲେ ପ୍ରଥମେ ବିଶୁଦ୍ଧ ପାଣିର ଆବଶ୍ୟକତା ପଡୁଛି। ହଜାରହଜାର ସଂଖ୍ୟାରେ ଲୋକ ଆଖି ବୁଜି ଏହି ପାଣି ପିଉଛନ୍ତି। ତେବେ କଥା ଉଠୁଛି ପିଉଥିବା ପାଣି କେଉଁଠୁ ଆସୁଛି ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ କ’ଣ ରହିଛି ନିୟମ। ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ପ୍ରଥମତଃ ପାଣି ବୋତଲ ପ୍ରସ୍ତୁତ ପାଇଁ ବ୍ୟୁରୋ ଆଣ୍ଡ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ପକ୍ଷରୁ ଅନୁମତି ଆଣିବାକୁ ପଡ଼ିଥାଏ। ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନଳକୂଅ ପାଣି, ଆରଓ ମେଶିନ, ପାଣି ବୋତଲ ପ୍ରସ୍ତୁତ ପରେ ପରୀକ୍ଷା କରାଯାଇ ପାଣି ବିକ୍ରି ନିମନ୍ତେ ସମ୍ପୃକ୍ତ ସଂସ୍ଥାକୁ ଲାଇସେନ୍ସ ମିଳିଥାଏ। ପ୍ରତି ବୋତଲ ଓ ପାଉଚ ପ୍ୟାକେଟ ଉପରେ ପ୍ରସ୍ତୁତି ଓ ବ୍ୟବହାରର ସମ୍ପୂର୍ଣ୍ଣ ବିବରଣୀ ରହିବା ନିୟମ ରହିଛି। କିନ୍ତୁ ଅଧିକାଂଶ କମ୍ପାନୀର ପାଣି ବୋତଲ ଓ ପାଉଚ ଉପରେ ଏହା ଦେଖିବାକୁ ମିଳୁନାହିଁ। ଫଳରେ ଏହି ପାଣି ବିଶୁଦ୍ଧ ନା ବିଷାକ୍ତ ତାକୁ ନେଇ ପ୍ରଶ୍ନ ଉଠିଛି। ଅପରପକ୍ଷରେ ଯଦି ବିଷାକ୍ତ ପାଣି ବଜାରରେ ମିଳୁଥିବ ତେବେ ତାକୁ ପିଇବା ଦ୍ୱାରା ଶରୀରରେ ନାନା ପ୍ରକାର ସମସ୍ୟା ଦେଖା ଦେବାର ସମ୍ଭାବନା ରହିଛି। ତେଣୁ ଏହାର ଶୁଦ୍ଧତା ଯାଞ୍ଚ କରାଯିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଯାଜପୁର ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଧର୍ମଶାଳା ଅଞ୍ଚଳରେ ୪ରୁ୫ ସଂସ୍ଥାକୁ ଲାଇସେନ୍ସ ଦିଆଯାଇଛି। ଅନ୍ୟ ପାଣି ବୋତଲ କେଉଁଠୁ ଆସୁଛି ତାହାର ତଦନ୍ତ କରାଯିବ ଏବଂ ବିନା ଲାଇସେନ୍ସରେ ବିକ୍ରି କରାଯାଉଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏଲ୍‌ପିଜି ଯୋଗାଣର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୪।୩ (ଜଗନ୍ନାଥ ଧଳ)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଗ୍ୟାସ୍ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲାରେ ଏଲ୍‌ପିଜି ଯୋଗାଣରେ ଅଭାବ ରହୁଥିବା ଆଲୋଚନା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ କରାଯାଇଛି । ଜିଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଘରୋଇ ଓ ବ୍ୟବସାୟୀଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଣରେ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମଟେଡ୍(ଆଇଓସିଏଲ୍),ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ଓ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ର ପ୍ରତିନିଧିମାନେ ଯୋଗ ଦେଇଥିଲେ । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏଲ୍‌ପିଜି ସଙ୍କଟ ଆଶଙ୍କାରେ ଉପଭୋକ୍ତା ଅଧିକ ମାତ୍ରାରେ ଗ୍ୟାସ୍ ସିଲିଣ୍ଡର ଭରିବାକୁ ଆସୁଥିବା ଏଠାରେ ଆଲେଚନା ହୋଇଥିଲା । ତେବେ ସମୟ ମୁତାବକ ସମସ୍ତ ଉପଭୋକ୍ତାଙ୍କୁ ଏଲ୍‌ପିଜି ବଣ୍ଟନ ପାଇଁ ଜିଲାପାଳ ଆୟାର ନିର୍ଦ୍ଦେଶ ଦେଇଥିଲେ । କୌଣସିଠାରେ ବ୍ୟବସାୟୀ କାଉଣ୍ଟର ହୋର୍ଡିଂ କରୁଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ଆୟାର ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

# ମହାକାଳପଡ଼ାରେ ଗ୍ୟାସ୍ ସିଲିଣ୍ଡର ଗାଡ଼ି ପହଞ୍ଚିଲା

## ସବୁ ଉପଭୋକ୍ତାଙ୍କୁ ମିଳିନାହିଁ


ଗ୍ୟାସ୍ ଯୋଗାଣକାରୀ ସଂସ୍ଥା ପରିସରରେ ଗାଡ଼ି ସମ୍ମୁଖରେ ଗ୍ରାହକମାନଙ୍କ ଭିଡ଼।

ମହାକାଳପଡ଼ା, ୧୪।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଉପସାଗରୀୟ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ହର୍ମୁଜ୍ ପ୍ରଣାଳୀ ଜଳପଥ ଦେଇ ଭାରତକୁ ପ୍ରାକୃତିକ ତୈଳ ଓ ଜାଳେଣି ଗ୍ୟାସ୍ ଆମଦାନୀରେ ଘୋର ସଙ୍କଟ ଦେଖାଦେଇଛି। ଫଳରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଥିଯୋଗୁ ଯୋଗୁ ଗ୍ରାହକମାନେ ୨/୪ ଦିନ ହେଲା ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ଗ୍ୟାସ୍ ଗ୍ରାହକମାନେ କହିଛନ୍ତି। ଏ ନେଇ ୨ଦିନ ଧରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସଦର ମହକୁମାଠାରେ ଏକ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାରେ ଭିଡ଼ ପରିଲକ୍ଷିତ ହେଉଛି। ଶନିବାର ଅପରାହ୍ନରେ ଗୋଟିଏ ଗାଡ଼ି ଜଟଣୀରୁ ପହଞ୍ଚିବା ପରେ ଗ୍ୟାସ୍ ସିଲିଣ୍ଡର ପାଇବା ପାଇଁ ଲମ୍ବା ଲାଇନ ଲାଗିଥିଲା। ଗ୍ୟାସ୍ ଯୋଗାଣକାରୀ କମ୍ପାନୀ ନିୟମ ଅନୁସାରେ ଯେଉଁମାନେ ବୁକ୍‌କରି ଓଟିପି ପାଇଥିବେ ସେମାନଙ୍କୁ ଗ୍ୟାସ୍ ସିଲିଣ୍ଡର ମିଳୁଛି। ସବୁ ଉପଭୋକ୍ତାଙ୍କୁ ମିଳିପାରି ନ ଥିବା ଜଣାପଡିଛି। ଯେଉଁ ଗାଡ଼ି ଆସିଥିଲା କିଛି ସମୟ ମଧ୍ୟରେ ଟାଙ୍କି ଖାଲି ହୋଇଯାଇଛି ବୋଲି ଉପସ୍ଥିତ ଗ୍ରାହକମାନେ କହିଛନ୍ତି। ପରବର୍ତ୍ତୀ ସମୟରେ ଜାଳେଣି ଗ୍ୟାସ୍ ଯୋଗାଣରେ ବ୍ୟାଘାତ ସୃଷ୍ଟିହେବା ଆଶଙ୍କା ରହିଛି ବୋଲି କୁହାଯାଇଛି।

# ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନସେବା ସମିତି ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକଅଦାଲତରେ ଯୋଗଦେଇଥିବା ବିଚାରପତିମାନେ ।

ପଟ୍ଟାମୁଣ୍ଡାଇ, ୧୪।୩ (କଳ୍ପତରୁ ନାୟକ)

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡା ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନସେବା ସମିତି ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ତାଲୁକ୍ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଦାଲତରେ ସାଲିସଯୋଗ୍ୟ ଫୌଜଦାରୀ, ଚେକ୍ ବାଉନ୍ସ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ, ଶ୍ରମ ଓ ବିଦ୍ୟୁତ୍, ପାରିବାରିକ ଏବଂ ବୈବାହିକ ମାମଲା, ଜମି ଅଧିଗ୍ରହଣ, ରାଜସ୍ୱ, ଖାଉଟି ବ୍ୟାପାର ଭଳି ବହୁ ଜନ ଉପଯୋଗୀମାମଲାର ବିଚାର ହୋଇଛି। ଏହି ଅଦାଲତରେ ଆଗତ ୭୫ ମାମଲାର ଚୂଡାନ୍ତ ଫଇସଲା ଆପୋଷ ଆଲୋଚନା ମାଧ୍ୟମରେ ହୋଇଥିଲା। ଏହି ମାମଲାଗୁଡ଼ିକରୁ ସମୁଦାୟ ୧୬ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଏବଂ ରାଜସ୍ୱ ଆଦାୟ ହେବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଅଦାଲତରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲା ଜଜ୍ ବିଦ୍ୟାଧର ପୃଷ୍ଟି, ସିନିଅର ସିଭିଲ ଜଜ ଅପୂର୍ବା ଚୌଧୁରୀ ଓ ଜେଏମଏଫସି ବିଦ୍ୟୁତ୍‌ଲତା ପ୍ରଧାନଙ୍କ ସହିତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, କୋର୍ଟ ମ୍ୟାନେଜର, ଅଦାଲତ କର୍ମଚାରୀ, ପ୍ରାଧିକରଣଙ୍କ କର୍ମଚାରୀ, ଡିଫେନ୍ସ କାଉନସିଲ ପ୍ରମୁଖ ଉପସ୍ଥିତରହି ମାମଲା ପରିଚାଳନା କରିଥିଲେ। ଏହି ଅଦାଲତରେ ପଟ୍ଟାମୁଣ୍ଡାଇ ଇଣ୍ଡିଆନ ବ୍ୟାଙ୍କ ସମେତ ଅନ୍ୟାନ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ରହି ଅନାଦେୟ ଋଣ ଆଦାୟଲାଗି ମାମଲା ପରିଚାଳନା କରିଥିଲେ ।

# ଲୋକ ଅଦାଲତରେ ୨୬୦୦ ମାମଲାର ଫଇସଲା

କେନ୍ଦ୍ରାପଡ଼ା, ୧୪।୩ (ଜଗନ୍ନାଥ ଧଳ)



ଲୋକ ଅଦାଲତରେ ଯୋଗଦେଇଥିବା ବିଚାରପତିମାନେ ।

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୨୬୦୦ ମାମଲାର ଫଇସଲା ହୋଇ ୨୨, ୩୮, ୫୩୭୧ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏଥିରେ ୮୮୪୯ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ଚେକ୍ ବାଉନ୍ସ ୧୯ଟି ମାମଲା ସମାଧାନ ହୋଇଥିଲା । ସେହିପରି ଟଙ୍କା ପୁନରୁଦ୍ଧାର, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ମାମଲା, ରାଜସ୍ୱ ମାମଲା ଆଦିର ଶୁଣାଣି ସହ ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦର ସମାଧାନ ହୋଇଥିଲା । ଏହି ମାମଲାଗୁଡିକୁ ଜିଲା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଜ୍ଞା ପାରମିତା ରାଉଳ, ପରିବାର ଅଦାଲତ ଜଜ୍ ଦେବାଶିଷ ପଣ୍ଡା, ଏଡିଜେ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ସରିତା ମହାନ୍ତି, ପ୍ରାଧିକରଣ ସଚିବ ଅନ୍ନପୂର୍ଣ୍ଣା ନାୟକଙ୍କ ସହ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କୁ ଏମ୍ସରେ ଭେଟିଲେ ଭାଜପା ଯୁବ ମୋର୍ଚ୍ଚା ଉପ ସଭାପତି


ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭାଜପା ଯୁବ ମୋର୍ଚ୍ଚାର ଉପସଭାପତି ସନ୍ତୋଷ କର ଭେଟିଛନ୍ତି।

ରାଜକନିକା,୧୪।୩(ସଞ୍ଜୟ କୁମାର ଦାଶ)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବର୍ତ୍ତମାନ ଦିଲ୍ଲୀର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ କେନ୍ଦ୍ରାପଡ଼ା ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ସନ୍ତୋଷ କର ପରିବାର ସହିତ ଏମ୍ସରେ ଭେଟିଥିଲେ। ମନ୍ତ୍ରୀ ପୂଜାରୀଙ୍କ ସହ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝି ଶୀଘ୍ର ସୁସ୍ଥତା କାମନା କରିଥିଲେ। ଡାକ୍ତରମାନେ କହିଥିଲେ ମନ୍ତ୍ରୀ ପୂଜାରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦିନକୁଦିନ ସୁଧାର ଆସୁଛି।

# ନିର୍ମାଣ ହେଲା ରାସ୍ତା,ଗ୍ରାମବାସୀ ଆଶ୍ୱସ୍ତ



ଡେରାବିଶ,୧୪।୩(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ବହୁ ପ୍ରତୀକ୍ଷିତ ସଲାରୋ ଗ୍ରାମ୍ୟ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଗ୍ରାମବାସୀ ଆଶ୍ୱସ୍ତ ଲାଭ କରିଛନ୍ତି। ଏହି ରାସ୍ତାଟି ପ୍ରାୟ ୩ଟି ପଞ୍ଚାୟତର ଦୈନନ୍ଦିନ ଯାତାୟାତ ରାସ୍ତା ଥିବା ବେଳେ ଏହା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ୨୫ ବର୍ଷ ପୂର୍ବେ ଏହି ରାସ୍ତାଟି ପିଚୁ ହୋଇଥିବା ବେଳେ ୧୦ ବର୍ଷ ପୂର୍ବେ ପଞ୍ଚାୟତ ଦ୍ୱାରା କିଛି ମାତ୍ରାରେ ଢଳେଇ କରାଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଉକ୍ତ ରାସ୍ତା ପ୍ରତି କେହି ଦୃଷ୍ଟି ନ ଦେବାରୁ ଏହା ଖାଲ ଖମାରେ ପରିପୂର୍ଣ୍ଣ ହୋଇ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ତେବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାକୁ ମରାମତି ପାଇଁ ହାତକୁ ନିଆଯାଇଥିଲା। ବିଭାଗ ପକ୍ଷରୁ କଟିକଟା ବଜାରଠାରୁ ସଲାରୋ ମଠ ଭାୟା ନରଣପଡା,ବାଙ୍କିମୁଣ୍ଡାଇ ଓ ଚାନ୍ଦୋଳ ମେଳଣ ପଡିଆ ରାସ୍ତାରେ ସ୍ଥାନୀତ କରାଯାଇ ୪ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅଧା କାର୍ଯ୍ୟ କରି ବସି ରହିଥିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ବିପର୍ଯ୍ୟସ୍ତ ରାସ୍ତାରେ ଦୈନନ୍ଦିନ ଦୁର୍ଘଟଣା ଘଟି ଚାଲିଥିବାରୁ ଅଞ୍ଚଳବାସୀ ଆପତ୍ତି ଉଠାଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଏହାଦ୍ୱାରା ବିପର୍ଯ୍ୟସ୍ତ ରାସ୍ତାଟି ପୁନଃ ନିର୍ମଣ ହୋଇପାରିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ କିଛି କିଛି ସ୍ଥାନରେ ବିବାଦ ଯୋଗୁ ରାସ୍ତା ହୋଇପାରି ନ ଥିବା ବେଳେ ତାହା ଆପୋସ ସମାଧାନ ମାଧ୍ୟମରେ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ଜଗନ୍ନାଥ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମଣ୍ଡିରୁ ଉଠୁନି ଧାନ, ଧାରଣାରେ ଚାଷୀ

ପଟ୍ଟାମୁଣ୍ଡାଇ,୧୪।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଏକାଧିକ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଶ୍ୟାମସୁନ୍ଦରପୁରରେ ସମ୍ପାଦକ ଚାଷୀଙ୍କୁ ହତାସ କରୁଥିବା ଅଭିଯୋଗ ହୋଇଆସୁଛି। ଚାଷୀ ଟୋକେନ୍ ପାଇ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରିନାହିଁ। ମଣ୍ଡିରେ ଦଲାଲ ଗିରି ଚାଲୁଥିବାରୁ ପ୍ରକୃତ ଚାଷୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶନିବାର ପୂର୍ବାହ୍ନରୁ ଚାଷୀମାନେ ବାଧ୍ୟ ହୋଇ ସମବାୟ ସମିତି ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ପରେ ମଧ୍ୟ କେହି ଚାଷୀଙ୍କ କଥା ଶୁଣି ନ ଥିଲେ ନା ଏଠାକୁ ଆସି ନଥିଲେ । ମାତ୍ର ସମ୍ପାଦକ ମିଲରେ ଧାନ ପକାଇବାକୁ ସେମାନଙ୍କୁ ବାଧ୍ୟ କରିଥିଲେ। ମାତ୍ର ଏଥିରେ ଚାଷୀ ମନ ଉଣା କରିବାରୁ ସନ୍ଧ୍ୟାରେ ସମ୍ପାଦକ ତପନ ସ୍ୱାଇଁ ଓ ଜଗୁଆଳି ଗଙ୍ଗାଧର ମଲିକ ସେମାନଙ୍କୁ ଘଉଡାଇଦେବା

### ସମ୍ପାଦକଙ୍କ ଗୁଣ୍ଡାଗିରି ଅଭିଯୋଗ, ଥାନାରେ ଏତଲା

ସହିତ ମାରଧର କରିଥିବା ନେଇ ଚାଷୀ ରବୀନ୍ଦ୍ର ଦାସ ଓ କୁଳମଣି ଦାସ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିବା ଚାଷୀ ଅଜିତ କୁମାର ରାଉତ, ବାସନ୍ତୀ ରାଉତ, ସୁବାସ ରାଉତ, କୃପାସିନ୍ଧୁ ଦାସ ଓ ଉମେଶ ସିଂ ପ୍ରମୁଖ ରାତି ୧୦.୩୦ରେ ଫୋନ ଯୋଗେ ଜଣାଇଛନ୍ତି। ସେମାନେ ଥାନାରେ ଦେଇଥିବା ଅଭିଯୋଗରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଥିବାବେଳେ ଘଟଣା ସମ୍ପର୍କରେ ସରପଞ୍ଚଙ୍କୁ ମଧ୍ୟ ଜଣାଇଥିବା କହିଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି, କିନ୍ତୁ ମାମଲା ରୁଜୁ ହୋଇନାହିଁ ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ କହିଛନ୍ତି।

# ବସନ୍ତପୁର ଅଗ୍ନି ବିପନ୍ନଙ୍କୁ ପାଟକୁରା କଂଗ୍ରେସର ସହାୟତା

ପାଟକୁରା,୧୪।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତି ଗ୍ରସ୍ତ ହୋଇଥିବା ୬ ପରିବାରକୁ ପାଟକୁରା କଂଗ୍ରେସ ନେତା ଡ.ରତିକାନ୍ତ କାନୁନଗୋ ସହାୟତାର ହାତ ବଢାଇଛନ୍ତି। ଶନିବାର ଅପରାହ୍ନରେ ଅଗ୍ନିବିପନ୍ନ ଚକ୍ରଧର ମଲ୍ଲିକ, ଦୀପକ କୁମାର ମଲ୍ଲିକ, ଦିଲ୍ଲୀପ କୁମାର ମଲ୍ଲିକ, ଗଗନ ମଲ୍ଲିକ, ଧୂଳେଶ୍ୱର ମଲ୍ଲିକ ଓ ଦୋଳଗୋବିନ୍ଦ ମଲ୍ଲିକଙ୍କୁ ଗୋଟିଏ ଲେଖା ପଲିଥିନ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କାନୁନଗୋଙ୍କ ସହିତ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡା, ପ୍ରତାପ ଲେଙ୍କା, ରମାକାନ୍ତ ସ୍ୱାଇଁ, କୁମର ପାଣି, ରଞ୍ଜନ ପରିଜା, ପ୍ରମୋଦ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଖଗେଶ୍ୱର ପଣ୍ଡା, ନିକୁଞ୍ଜ ବିହାରୀ ମହାପାତ୍ର ଓ ଦେବେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇଥିଲେ।


କଂଗ୍ରେସ ନେତା ରତିକାନ୍ତ କାନୁନଗୋ ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ ଚରିତ ମାନସ

ଡେରାବିଶ,୧୪।୩(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ମେଳଣ ପଡ଼ିଆ ସ୍ଥିତ ମା’ କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ କୃପା ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ପୀଠରେ ଘଟସ୍ଥାପନ କରାଯିବା ସହ ବ୍ୟାସଜୀ ପଣ୍ଡିତ ହୃଷୀକେଶ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟହ ପ୍ରତ୍ୟୁଷରେ ହନୁମାନ ଚାଳିଶା ପାଠ କରାଯିବା ସହ ତୁଳସୀ ଦାସଙ୍କ ରଚିତ ଶ୍ରୀରାମ ଚରିତ ମାନସ ପାଠ କରାଯାଉଛି। ସନ୍ଧ୍ୟାରେ ପ୍ରବଚକ ସୁଶ୍ରୀ ସୋନାଲି ଦାସ, ପଣ୍ଡିତ ପ୍ରଦୀପ୍ତ କାନୁନ୍‌ଗୋ,ସନ୍ଥ ପୁରୁଷୋତ୍ତମ ମହାରାଜ, ଅଧ୍ୟାପକ ସାରଦା ପ୍ରସନ୍ନ କର ଓ ସନ୍ଥ ଆଶୀର୍ବାଦ ମହାରାଜ ପ୍ରମୁଖ ଆଶୀର୍ବଚନ ପ୍ରଦାନ କରୁଛନ୍ତି। ମଙ୍ଗଳବାର ଏହି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ହେବାକୁ ଥିବା ବେଳେ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସମେତ ହରିଅଙ୍କ ଗ୍ରାମବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ୩ ଛାତ୍ର ପାଇଲେ ଏନ୍‌ଆର୍‌ଟିଏସ୍


ଜଗଦୀଶ ସାମଲ


ଶୁଭ୍ରାଂଶୁ ଶୁଭ୍ରଜିତ


ସୁରଜ ସେନାପତି ।

ଆଳି,୧୪।୩(ବନମାଳୀ ସେନାପତି)

୨୦୨୪-୨୫ ଶିକ୍ଷା ବର୍ଷର ଏନ୍‌ଆର ଟିଏସ୍ ବୃତ୍ତି ପରୀକ୍ଷାର ଫଳାଫଳ ଗତ ସପ୍ତାହରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ବାଜିମାତ କରିଛନ୍ତି। ଆଳି ବ୍ଲକର ଆଗଧାଡିର ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ସଦାସର୍ବଦା ଭଲ ଫଳାଫଳ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଚଳିତ ଥର ମଧ୍ୟ ବିଦ୍ୟାଳୟର ଛାତ୍ର ସୁରଜ ସେନାପତି, ଜଗଦୀଶ ସାମଲ

### ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ

ଓ ଶୁଭ୍ରାଂଶୁ ଶୁଭ୍ରଜିତ ଏନ୍‌ଆର୍‌ଟିଏସ୍ ବା ଜାତୀୟ ଗ୍ରାମାଞ୍ଚଳ ମେଧା ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁରଜ ୮୧ ନମ୍ବର ପାଇଥିବା ବେଳେ ଜଗଦୀଶ ୬୩ ଓ ଶୁଭ୍ରଜିତ ୬୧ ନମ୍ବର ପାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ରାଙ୍କ ନମ୍ବର ୩୪୭/ଏମ୍‌ରେ ବିଦ୍ୟାଳୟ ମାନଙ୍କୁ ଏହା ଅବଗତ ନିମନ୍ତେ ପଠାଇ ଦିଆଯାଇଛି। ବିଦ୍ୟାଳୟ ଶିକ୍ଷକ ପରିଚାଳନା ପରିଷଦ ଓ ଛାତ୍ରୀଛାତ୍ରମାନେ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣା ଇଛନ୍ତି।

# ୨ ନଳକୂପ ଉପରେ ହଜାରେ ଲୋକଙ୍କ ଭରଷା

ରାଜକନିକା,୧୪।୩(ସଞ୍ଜୟ କୁମାର ଦାଶ)

## ନମତରା ନଂ ୧୧ ୱାର୍ଡରେ ପାଇପରେ ଆସୁନି ପାଣି


ନଳକୂପ ନିକଟରେ ପାଣି ପାଇଁ ମହିଳାଙ୍କ ଧାଡି ।

ଗ୍ରୀଷ୍ମ ଆରମ୍ଭରୁ ଜଳ କଷ୍ଟ ଭୋଗୁଛନ୍ତି ନମତରା ପଞ୍ଚାୟତ ୧୧ ନଂ ୱାର୍ଡର ୧ ହଜାର ଲୋକ। ପାଇପରେ ଆସୁନି ପାଣି, ଦୁଇଟି ନଳକୂପ ଉପରେ ନିର୍ଭର କରୁଛନ୍ତି ୱାର୍ଡ ବାସୀ । ନଳକୂପରୁ ବାହାରୁଛି ଜଙ୍କ୍ ପାଣି ଅଭିଯୋଗ କଲେ ବି ଶୁଣୁନି ପ୍ରଶାସନ ଆନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

ସୂଚନା ଅନୁସାରେ ନମତରା ପଞ୍ଚାୟତ ୧୧ ନଂ ୱାର୍ଡରେ ୨୫୦ପରିବାରର ୧ ହଜାର ଲୋକ ବସବାସ କରିଥାନ୍ତି । ମହିଳାମାନେ ବହୁ ଆନ୍ଦୋଳନ ପରେ ବର୍ଷେ ହେବ ଗାଁକୁ ପାଇପ୍ ପାଣିର ବ୍ୟବସ୍ଥା କରାଗଲା। ଲୋକମାନେ ଖୁସି ହେଲେ କିନ୍ତୁ କିଛି ମାସ ପରେ ଆଉ ପାଇପ୍‌ରେ ଆସୁନି ପାଣି, ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ଗଲାଣି। ଖରା ବଢୁଥିବାରୁ ପାଣି ଟୋପେ ଲାଗି ହଇରାଣ ହେଉଛନ୍ତି ଏହି ୱାର୍ଡବାସୀ । ଲାଗି ରହିଛି ଦୁଇଟି ନଳକୂପ । ପାଣି ଟୋପେ ଲାଗି ମହିଳାମାନେ ଘର କାମ ଛାଡି ନଳକୂପ ଆଗରେ ଲମ୍ବା ଲାଇନ ଦେଇ ପାଣି ନେଇଥାନ୍ତି। ଗୋଟିଏ ନଳକୂପରୁ ବାହାରୁଛି କଳଙ୍କିପାଣି, ସେହିପାଣି ପିଇ ଲୋକମାନେ ରୋଗ ଆକ୍ରାନ୍ତ ହେଉଥିବା କହିଛନ୍ତି । ୱାର୍ଡରେ ପଞ୍ଚାୟତ ପୋଖରୀ ଆଠ ବର୍ଷ ହେବ ଦଳ ଭର୍ତ୍ତି ଓ ପଚା ପାଣି ଥିବାରୁ କାରବାର ଉପଯୋଗୀ ହୋଇ ନ ଥିବାରୁ ୱାର୍ଡର ମହିଳା, ପୁରୁଷ, ଛୋଟ ପିଲାମାନେ ଗାଧୁଆଠାରୁ ଆରମ୍ଭ କରି ନିତ୍ୟକର୍ମ ଓ ଗୋରୁ ଲାଗି ପାଣି ଏହି ନଳକୂପରୁ ନେଇଥାନ୍ତି । ପୁରୁଷମାନେ ନଳକୂପରେ ଗାଧୋଉ ଥିବାରୁ ମହିଳାମାନେ ଦିନରେ ତିନି ଥର ନଳକୂପ ଆଗରେ ଲାଇନ ଦେଇ ପାଣି ନେଉ ଥିବା କହିଛନ୍ତି । ଗାଁର । ଅପରାଜିତା ବେହେରା, ଶୁଭସ୍ମିତା ବେହେରା, ପ୍ରେମ ଲତା ଦାସ, ଛବିଲତା ପଲାଉ, ବର୍ଷାରାଣୀ ଦାସ, ବିନ୍ଦିଆ ଦାସ, ହେମଲତା ସାହୁ, କନକ ଲତା ଦାସ, ରଶ୍ମିତା ଦାସ, ପାର୍ବତୀ ଦାସ, ମଧୁସ୍ମିତା ଦାସ, ଗୀତାଞ୍ଜଳି ଜେନା ଓ ଉର୍ମିଳା ଜେନା କହିଛନ୍ତି, ପିଇବା ପାଣି ଲାଗି ବହୁବାର ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଯାଇ ଅଭିଯୋଗ କରିଛୁ ଆମ କଥା କେହି ଶୁଣୁ ନାହାନ୍ତି। ନିର୍ବାଚନ ସମୟରେ ପାଇପ୍ ବିଛାଇ ଦେଲେ ହେଲେ ବର୍ଷେ ତଳେ ପାଉପ୍‌ରେ ପାଣି ଆସିଲା ଆମେ ମାନେ ଖୁସି ହେଲୁ, ହେଲେ ତାହା ଅଳ୍ପ ଦିନରେ ବନ୍ଦ। ନଳକୂପ ଖରାପ ହେଲେ ଆମେ ଟଙ୍କା ଆଦାୟ କରି ସଜାଡୁଛୁ, ନିତ୍ୟ କର୍ମ ଭଲ ପୋଖରୀ ଟିଏ ବି ନାହିଁ । ନଳକୂପରୁ ବାହାରୁ ଥିବା ଜଙ୍କ୍ ପାଣି ପିଇ ରୋଗରେ ପଡୁଛୁ । ଗୋରୁ ପିଇବା ଲାଗି ପାଣି ଟୋପେ ଠିକ୍ ଭାବେ ଦେଇ ପାରୁନୁ । ତୁରନ୍ତ ପ୍ରଶାସନ ଆମ କଥା ନ ଶୁଣିଲେ ଆଗାମୀ ଦିନରେ ମହିଳାମାନେ ବ୍ଲକ ଅଫିସ ଘେରାଉ କରିବୁ। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ୱାର୍ଡବାସୀ ।

# ଶୀତଳଭଣ୍ଡାର ନ ଥିବାରୁ ଟମାଟୋ ଚାଷୀ ଅଭାବୀ ବିକ୍ରିର ଶିକାର

ଶରଣକୁଳ,୧୪।୩(ଦୀପକ କର )



ସରକାର ଚାଷ ଓ ଚାଷୀଙ୍କ ଉପରେ ଗୁରୁତ୍ୱ ଦେଉଥିବା ଏବଂ ଚାଷୀମାନଙ୍କ ଉନ୍ନତି ପାଇଁ ଡିଣ୍ଡିମ ପିଟୁଥିଲା ବେଳେ ପ୍ରକୃତ ପକ୍ଷେ ଏହାର ଓଲଟା ଦେଖିବାକୁ ମିଳୁଛି ଶରଣକୁଳ ଅଞ୍ଚଳରେ। ଏହି ଅଞ୍ଚଳରେ ପ୍ରତିବର୍ଷ ପ୍ରଚୁର ପରିମାଣରେ ଟମାଟୋ ଉତ୍ପାଦନ ହେଉଛି ହେଲେ ଶୀତଳ ଭଣ୍ଡାର ଅଭାବରୁ ଗଚ୍ଛିତ ହୋଇ ରହିପାରୁନାହିଁ। ଚାଷୀମାନଙ୍କୁ ଟମାଟୋ ତୋଳିବା ମୂଲ୍ୟ ମିଳୁ ନାହିଁ। କିଲୋ ୨ଟଙ୍କାରେ ବିକ୍ରିକରି ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଚାଷୀମାନଙ୍କଠାରୁ ଟମାଟୋ ୩୦ କେଜିକୁ ମାତ୍ର ୬୦ ଟଙ୍କାରେ କିଣି ନେଉଛନ୍ତି ବେପାରୀ। କିଲୋ ପ୍ରତି ୨ ଟଙ୍କା ହିସାବରେ ବିକ୍ରି କରି ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ମାତ୍ର ବଜାରରେ ଖାଉଟିମାନଙ୍କୁ ୧୦ରୁ ୧୫ ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ସ୍ଥିତିରେ ଋଣ କରି ଟମାଟ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଶରଣକୁଳ ବଜାର ସମେତ ଗୋଡ଼ିପଲ୍ଲୀ, ଶିଖରପୁର, ହରିହରପୁର, ଦରପଦା ଓ ଅସୁରଢିପା ଗ୍ରାମରେ ଶହ ଶହ ଏକର ଜମିରେ ଟମାଟୋ ହେଉଥିବା ବେଳେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗର କରିବେ ବୋଲି ଚାଷୀମାନେ ଲକ୍ଷ୍ୟ ରଖିଥିଲେ। ଅମଳ ସମୟରେ ଦର ବହୁତ ହ୍ରାସ ହେଉଥିବାରୁ ଚାଷୀମାନେ ନିରାଶ ହେଉଛନ୍ତି। ଶରଣକୁଳ ବଜାରରେ ଟମାଟୋର ଚାହିଦା ନାହିଁ। ଦୁଇ ସପ୍ତାହ ହେବ ପ୍ରଚୁର ପରିମାଣରେ ଟମାଟୋ ଉତ୍ପାଦନ ହେଉଥିବାରୁ ୨୮ କେଜି ରହୁଥିବା ଟ୍ରେ ପିଛା ୬୦ରୁ ୮୦ ଟଙ୍କା ମଧ୍ୟରେ ଚାଷୀ ଆଣି ଗୋଦାମରେ ଦେଉଛନ୍ତି। ଟମାଟୋ ତୋଳିବା ପାଇଁ ଟ୍ରେ ପିଛା ମଜୁରି ୩୦ରୁ ୩୫ ଟଙ୍କା ଖର୍ଚ୍ଚ ପଡୁଥିବାରୁ ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ଟମାଟୋ ଦର କମ ରହୁଥିବାରୁ ଚାଷ ବାବଦକୁ ଖର୍ଚ୍ଚ ହେଉଥିବା ଅର୍ଥ ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ରହିଛି ବୋଲି ଗୋଡ଼ିପଲ୍ଲୀର ଚାଷୀ ବେଣୁଧର ସ୍ୱାଇଁ, କିଶୋର ନାୟକ ଓ ନିରାକାର ସ୍ୱାଇଁ ପ୍ରକାଶ କରିଛନ୍ତି। ଟମାଟୋ ନେବା ପାଇଁ କଟକ, ପୁରୀ,ଭୁବନେଶ୍ୱର ଓ ନୟାଗଡ଼ ଅଞ୍ଚଳରୁ ବେପାରୀମାନେ ଆସୁଛନ୍ତି। ଟମାଟୋ ବିକ୍ରି ହେଉ ନ ଥିବାରୁ ତୋଳା ଯାଇଥିବା ଟମାଟୋ ଟ୍ରେ ସବୁ ଖୋଲା ଆକାଶ ତଳେ ବିଲରେ ପଡ଼ିରହିଛି। ଶରଣକୁଳ ଅଞ୍ଚଳରେ ଶୀତଳ ଭଣ୍ଡାର ନ ଥିବାରୁ ଦର କମି ଯାଉଛି। ଆଉ ୧୫/୨୦ ଦିନ ପରେ ଟମାଟୋ ଦର ପୁଣି ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିବା ବେଳେ ସେତେବେଳକୁ ବର୍ତ୍ତମାନ ତୋଳା ଯାଇଥିବା ଟମାଟୋ ସବୁ ନଷ୍ଟ ହୋଇଯାଇଥିବ।

# କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ ।

ଖଣ୍ଡପଡ଼ା, ୧୪।୩(ଅଜୟ କୁମାର ମହାରଣା)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମୋ ଭାରତ ନୟାଗଡ଼ ଭାରତ ଆନୁକୂଲ୍ୟରେ ଆୟୋଜିତ ଖଣ୍ଡପଡ଼ା ବ୍ଲକ୍ କ୍ଲଷ୍ଟରସ୍ତରୀୟ ୨ ଦିନିଆ କ୍ରୀଡ଼ା ମହୋତ୍ସବ ଖଣ୍ଡପଡ଼ା ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ୟାଡ୍‌ମିଣ୍ଟନ, କବାଡ଼ି, ୧୦୦ ମିଟର ଦୌଡ଼ ଓ ଭଲିବଲ ଖେଳ ଅନୁଷ୍ଠିତ ହୋଇଥିଲା। ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଉଭୟ ମହିଳା ଓ ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଭୟ ବର୍ଗର ସର୍ବଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କବାଡ଼ି ପ୍ରତିଯୋଗିତାରେ ଖଣ୍ଡପଡ଼ା ଓ ଖଳିସାହି ଦଳର ଖେଳାଳି ଭାଗ ନେଇଥିବା ବେଳେ ୧୦୦ ମିଟର ଦୌଡ଼ରେ ଖଣ୍ଡପଡ଼ା ସହରାଞ୍ଚଳର ଯୁବତୀଯୁବକମାନେ ଭାଗନେଇଥିଲେ। ଏହି ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଖଣ୍ଡପଡା ବ୍ଲକ ସମ୍ମୁଖ ଭଲିବଲ ପଡିଆରେ ୨ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ଖଣ୍ଡପଡା ସହର ସମେତ ଖଳିସାହି, କୋସକା, କଣ୍ଟିଲୋ, ପଥରଚକଡ଼ା, ବାଇଗୁଣିଆ, କାଦୁଆ, ବାଉଁଶଗାଡିଆ, ବାଉଁଶିଆପଡା, ଇଟାମାଟି, ଟିକାତାଳ, ଦୁର୍ଗାପ୍ରସାଦ ଆଦି ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କଣ୍ଟିଲୋ ୨–୦ ସେଟରେ ବାଇଗୁଣିଆକୁ ପରାସ୍ତକରି ଟ୍ରଫି ହାସଲ କରିଥିବା ଆୟୋଜକ ମହେନ୍ଦ୍ର କୁମାର ବାରିକଙ୍କଠାରୁ ପ୍ରକାଶ। କାର୍ଯ୍ୟକ୍ରମ ପରିଚାଳନାରେ ପଠାଣି ସାମନ୍ତ ପୂଜ୍ୟପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ଖଳିସାହି ଦଶଦୋଳ ମହୋତ୍ସବ, ୨୨ ଠାକୁରଙ୍କ ମେଳଣ

ଖଣ୍ଡପଡା,୧୪।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆରେ ଦଶଦୋଳ ମହୋତ୍ସବ ଶୁକ୍ରବାର ବିଳମ୍ବିତ ରାତିଠାରୁ ଆରମ୍ଭ ହୋଇଥିବା ଜଣାପଡିଛି। ଦଶଦୋଳ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଗତ ୪ବର୍ଷ ଠାରୁ ଦଶଦୋଳ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ଖଣ୍ଡପଡା ଅଞ୍ଚଳର କଳା, ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତକରି ରଖିବାର ଲକ୍ଷ୍ୟ ନେଇ ଆୟୋଜିତ ଦଶଦୋଳ ମହୋତ୍ସବକୁ ଲୋକାଭିମୁଖୀ ପାଇଁ ଆୟୋଜକମାନେ ପ୍ରୟାସ ଜାରି ରଖିଥିବା ଜଣାଯାଇଛି। ଦଶଦୋଳ ପଡ଼ିଆଠାରେ ଶୁକ୍ରବାର ମଧ୍ୟରାତ୍ରରୁ ଯାତ୍ରା ଆରମ୍ଭ ହୋଇ ଠାକୁରଗୁଡିକ ଶନିବାର ସକାଳ ୪ଟାରେ ଦୋଳ ପଡିଆରେ ବିଜେ ହୋଇଥିଲେ। ଏ ଅବସରରେ ଭୋର ସାଢେ ୪ଟାରୁ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟିଲୋ ଅଘୋରୀ, ବୋରଗାଁ ଓ ଏହାର ଆଖପାଖ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ପରମ୍ପରା ଅନୁଯାୟୀ ଉତ୍ସବର ସ୍ଥାନାଧିପତି ନୀଳକଣ୍ଠେଶ୍ୱର ପ୍ରଥମେ ପାଟପଟୁଆରରେ ରୋଶଣି ସହ ଯାତ୍ରା ପଡିଆକୁ ବିଜେକରି ଆସ୍ଥାନ ଗ୍ରହଣ କରିଥିଲେ। ଏହାପରେ ପୀଠାଧିପତିଙ୍କଠାରୁ ନିମନ୍ତ୍ରଣ ପାଇ ଖଳିସାହି ଗ୍ରାମର ୧୦ ଠାକୁର ଓ ଏହାର ଆଖପାଖ ପୁଆଣିଆ, ମର୍ଦ୍ଦରାଜପୁର, ବୋଦଶା, ହରିଚନ୍ଦନପୁର, ଗିରିଡିପାଟଣା, ଚାଉପଲ୍ଲୀ, ଖୁଣ୍ଟୁବନ୍ଧ, ସିଙ୍ଘାପଡା ସମେତ ୨୨ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦେବଦେବୀ ସହ ଶୋଭାଯାତ୍ରାରେ ଆସି ପଡ଼ିଆରେ ଆସ୍ଥାନ ନେଇଥିଲେ।

ଶନିବାର ପୂର୍ବାହ୍ନରେ ସମସ୍ତ ଦେବଦେବୀଙ୍କ ପୂଜାନୀତି ସହ ଭୋଗ ଲାଗି ହୋଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଏହି ମେଳଣ ଦର୍ଶନ କରିବାକୁ ସମାଗମ ହୋଇଥିଲେ। ବାଜା, ବାଣ, ରୋଶଣି ସାଙ୍ଗକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଦଶଦୋଳ ଯାତ୍ରା ପଡ଼ିଆ ଉତ୍ସବ ମୁଖରିତ ହୋଇଉଠିଥିଲା। କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହୋଇଥିବା ଦଶଦୋଳ କମିଟି ସଭାପତି ବାପିନା ସାହୁ, ସମ୍ପାଦକ ଧୀରେନ କୁମାର ଗଣ୍ଡିଆ, ଉପଦେଷ୍ଟା ଶରତ କୁମାର ସାହୁ ସୂଚନା ଦେଇଛନ୍ତି।



ଦଶଦୋଳରେ ଭାଗ ନେଇଥିବା ବିମାନ ।

# ସମାଜ ଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ: ବାଚସ୍ପତି




କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ ଓ ଅନ୍ୟମାନେ ।

ରଣପୁର, ୧୪।୩
(ସୁକାନ୍ତ କିଶୋର ଡାକୁଆ)

## ରଣପୁରରେ ଅନ୍ତର୍ଜାତୀୟ ମହିଳା ଦିବସ

## ସଫେଇ ମିତ୍ର ସୁରକ୍ଷା ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା

ରଣପୁର ଏନ୍ଏସି ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ମା' ମଣିନାଗ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ନାରୀଶକ୍ତିର ପ୍ରଗତି ହିଁ ଦେଶକୁ ସମୃଦ୍ଧି ଶାଳି କରିବାର ପ୍ରଥମ ଓ ପ୍ରଧାନ ଅସ୍ତ୍ର ବୋଲି ବର୍ଣ୍ଣନା କରିଥିଲେ।

ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋପାଳପୁର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ପ୍ରିୟା ତରେଇ, ଏମ୍‌ପି ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ରଣପୁର ମହାବିଦ୍ୟାଳୟ ଅଧ୍ୟାପିକା ପଟ୍ଟନାୟକ, ସମସ୍ତ ମହିଳା କାଉନ୍‌ସିଲର ଯୋଗଦେଇ ଦେଶ ଗଠନରେ ନାରୀର ଅବଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜ୍ଞପିତ ଅଞ୍ଚଳ ପରିସଦ ଅଧକ୍ଷା ରଙ୍ଗୀନ ମହାନ୍ତିଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଏହି ଅବସରରେ ଶ୍ରେଷ୍ଠ ଅଶା ଦିଦି ଭାବେ ପ୍ରବାସିନୀ ସାହୁ, ଶ୍ରେଷ୍ଠ ଅଙ୍ଗନଓ୍ୱାଡି କର୍ମୀଭାବେ ତିଳୋତ୍ତମା ପଢିଆରୀ, ଶ୍ରେଷ୍ଠ ମହିଳା ହକି ଖେଳାଳି ପ୍ରୀତିମୟୀ ରାଉତ, ରୋଜାଲିନ ନାୟକ, ଗାୟତ୍ରୀ ବେହେରା, ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ରେବତୀ ମଲିକଙ୍କୁ ବାଚସ୍ପତି ସମ୍ବର୍ଦ୍ଧିତ କରିଥିଲେ। ବିଶେଷ କରି ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ଜଳସାଥୀ, ଆହାର କେନ୍ଦ୍ର ତଥା ସମସ୍ତ ଗୋଷ୍ଠୀ ଶୌଚାଳୟ ଓ ସର୍ବସାଧାରଣ ଶୌଚାଳୟରେ ନିୟୋଜିତ କମ୍ୟୁନିଟି ପାର୍ଟନେରମାନଙ୍କୁ ଏଠାରେ ସମ୍ବର୍ଦ୍ଧିତ କରଯାଇଥିଲା। ପରିଷଦ ଶ୍ରେଷ୍ଠ ମହିଳା କର୍ମଚାରୀ ସୁଶ୍ରୀ ସାନ୍ତନା ମିଶ୍ର ଓ ଅନିତା ବଳିଆରସିଂଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଚଳଚିତ୍ର ନାୟିକା ସୁମନ ପଟ୍ଟନାୟକ ଉକ୍ତ ସଭାରେ ସମସ୍ତଙ୍କର ମନୋରଞ୍ଜନ କରିଥିଲେ। ଶେଷରେ ନିର୍ବାହୀ ଅଧିକାରୀ ସାମନ୍ତ ବିଶମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ପୂର୍ବାହ୍ନରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କ ପାଇଁ ଏକ ସୱାସ୍ଥ୍ୟ ପରୀକ୍ଷା ଶିବିର ସଫେଇ ମିତ୍ର ସୁରକ୍ଷା ଶିବିରର ଆୟୋଜନ କରାଯାଇଥିଲା।

# ବାଲୁଗାଁ ଦଶଦୋଳରେ ୧୩ ଦୋଳଙ୍କ ମେଳଣ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବାଲୁଗାଁ ଚଣ୍ଡି ପଡିଆରେ ଦଶଦୋଳ ଯାତ୍ରା ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। ସମ୍ପୃକ୍ତ ଯାତ୍ରା ୧୦ ଦିନ ଧରି ଅନୁଷ୍ଠିତ ହୋଇ ୨୨ ତାରିଖରେ ଉଦ୍‌ଯାପିତ ହେବ। ବାଲୁଗାଁ ଜଗନ୍ନାଥଙ୍କ ମନ୍ଦିରେ ୧୩ ଦୋଳ ମାଳିସାହିର ଗଡିଶ୍ୱର ମହାଦେବ, ସିନ୍ଦୁରିଆର ଲୋକନାଥ ଦେବ ମହାଦେବ, କାଞ୍ଚନବିଲିର ବାଲୁଙ୍କେଶ୍ୱର, ଚମ୍ପତିପୁରର ତୃତୀୟଦେବ ଜଗନ୍ନାଥ ମହାପ୍ରଭୁ, ଖଣ୍ଟୁଗାଁର ଗଡିକେଶ୍ୱର ମହାଦେବ ଓ ରଘୁନାଥ ଜୀଉ, ଜେମାଦେଇପୁରର ବାଲୁଙ୍କେଶ୍ୱର ଓ ଗୋପୀନାଥ ଜୀଉ,ମାଳତିପୁରର ରଘୁନାଥ ଜୀଉ, ବରପଲ୍ଲୀର କପିଳେଶ୍ୱର ଦେବ, ପାଣିପୋଇଲାର ଭୋଳେଶ୍ୱର ମହାଦେବ, ଶରଧାପୁରର ରଘୁନାଥ ଜୀଉ, ବାଲୁଗାଁର ମଦନ ମୋହନ ଜଗନ୍ନାଥ ଜୀଉ ପ୍ରମୁଖ ମେଳଣ ହୋଇଥିଲେ। ମେଳଣ ପରେ ରାତି ୧୧ଟାରେ ଶୋଭାଯାତ୍ରା ଶନିବାର ଭୋର ୫ଟା ପର୍ଯ୍ୟନ୍ତ ଗାଁ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପୁରୀ ଚନ୍ଦନପୁରର ଗୋଟିପୁଅ ନୃତ୍ୟ, ଗଞ୍ଜାମ ପାଟପୁରର ଦଶବତାର, ଢ଼େଙ୍କାନାଳର ସିଂଘ ବାଜା, ବଲାଙ୍ଗୀରର ଗଜଲକ୍ଷ୍ମୀ ମିଉଜିକ, ଶିଖରପୁର କଳାଘୋଡା, ପୁରୀର ନାଗାର୍ଜୁନ ବେଶ, ସାକ୍ଷୀଗୋପାଳର କଣ୍ଢେଇ ନୃତ୍ୟ, ବାଲୁଗାଁର ଗରିଲା, ପାଣ୍ଡା, ଠେକୁଆ ନୃତ୍ୟ, ବାଘେରାର ଘଣ୍ଟୁଆ ନୃତ୍ୟ, ଯୋଗିଆପଲ୍ଲୀର ଛତାର ଲାଇଟ ବେଶ ଆମେଦିତ କରିଥିଲେ। ଠାକୁର ଶୋଭାଯାତ୍ରାରେ ଶନିବାର ଭୋରରେ ଯାତ୍ରା ପଡିଆରେ ପଂହଚିଥିଲେ। ପରେ ଦିନତମାମ ପୂଜାର୍ଚ୍ଚନା ଓ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରକୁ ଫେରି ଭୋଗ ଖାଇ ନିଜ ନିଜ ଅସ୍ଥାନକୁ ଫେରିଥିଲେ। ସଭାପତି କେଶବ ଚନ୍ଦ୍ର ଦଳବେହେରା, ସମ୍ପାଦକ ଜନାର୍ଦ୍ଦନ ଦଳବେହେରା, ମୁଖ୍ୟ ସହଯୋଗୀ ରବୀନ୍ଦ୍ର ଦଳବେହେରା, ସରପଞ୍ଚ ମନୋଜ ନାୟକ, ସମିତି ସଭ୍ୟ ରାଜ କିଶୋର ପ୍ରଧାନ, ପ୍ରକାଶ ସାହୁ ଓ ଶ୍ୟାମଘନ ଦଳହେରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ

## ୪୨୮୩ ମାମଲାର ଫଇସଲା

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଶନିବାର ନୟାଗଡ଼ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨୮୩ ଟି ମାମଲା ଫଏସଲା ହୋଇଛି। ୧୦ ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୭ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ୧୦୩ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନ. ଆଇ. ଆକ୍ଟ କେସ୍ ୭ ଟି ଫଇସଲା କରାଯାଇ ୧୦ ଲକ୍ଷ ୪୪ ହଜାର ୬୦୮ ଟଙ୍କା ଆଦାୟ କରାଯାଇଥିବା ବେଳେ ବିବାହ ଜନିତ ୧୬ ମାମଲା ଫଇସଲା କରାଯାଇଥିଲା । ଅନ୍ୟାନ୍ୟ ଫୌଜଦାରୀ ୧୭୫ଟି ମାମଲା ଫଇସଲା କରାଯାଇଥିବା ବେଳେ ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିନଥିବା ୧୪୦ ଜଣ ଋଣ ଗ୍ରହିତାଙ୍କଠାରୁ ୬୪ ଲକ୍ଷ ୧୯ ହଜାର ୯୬୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ସେହିପରି ୩୮୨୨ ରାଜସ୍ୱ ମାମଲା ଫଇସଲା କରାଯାଇ ୬ ଲକ୍ଷ ୭୬ ହଜାର ୩୮୩ ଟଙ୍କା ଆଦାୟ କରାଯାଇଥିଲା ବେଳେ ରଫାଯୋଗ୍ୟ ଫୌଜଦାରି ମାମଲା ୩ ଟି ଫଇସଲା କରାଯାଇଥିଲା । ପୁଣି ବଦ୍ୟୁତ୍ ସମ୍ବନ୍ଧୀୟ ୭ ଟି ମାମଲା ଫଇସଲା ହୋଇ ୩ ଲକ୍ଷ ୪୨ ହଜାର ୨୭୧ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ଜିଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଇନ୍ଦୁ ଶର୍ମା, ଅତିରିକ୍ତ ଜିଲା ଓ ଦୌରା ଜଜ ରିଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୃତିସ୍ନିଗ୍ଧା ଦାସ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମଏଫସି ଲଳିତା ପାତ୍ର ଏବଂ ସୁଶ୍ରିତା ମିଶ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ (ମହିଳା ଅଦାଲତ) ସ୍ୱୟଂପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଲୋକ ଅଦାଲତରେ ଯୋଗଦେଇଥିବା ବିଚାରପତି ।

# ଭାଡିକିଳାରେ ସାଇବର ଠକେଇ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

## ଜଣେ ଅଟକ, ଉତ୍ତେଜନା

ନୟାଗଡ଼ ଜିଲା ଓଡଗାଁ ଆଦର୍ଶ ଥାନା ଭାଡିକିଳାରେ ଆକାଉଣ୍ଟ ଖୋଲିବା ନାଁରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ସହଗାଁ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନି। ଏଣୁ ଅଭିଯୋଗକାରୀମାନେ ଠକେଇ କରିଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। ସେପଟେ ଓଡଗାଁ ଥାନା ପୋଲିସ ଯୁବକଙ୍କୁ ଅଟକ ନ ରଖି ଛାଡି ଦେବାକୁ ପରାମର୍ଶ ଦେଇଛନ୍ତି। ତେବେ ପରେ ପୁଣି ଅଟକ ରଖାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଭାଡିକିଳା ଗାଁର ୮୦ରୁ ଊର୍ଦ୍ଧ୍ୱ ଲୋକ ୧ ଲକ୍ଷ ୩୦ ହଜାର ଲେଖାଏ ଠକେଇର ଶିକାର ହୋଇଥିବା ଜଣାପଡିଛି।

# ଇଟାମାଟିରେ ଦଶଦୋଳ ଯାତ୍ରା

## ଶୋଭାଯାତ୍ରାରେ ସାମିଲ ହେଲେ ୧୭ ଦୋଳ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

## ଦଶାବତାର, କଣ୍ଢେଇ ନୃତ୍ୟ ମନ ମୋହିଲା

ନୟାଗଡ଼ ବ୍ଲକ ଇଟାମାଟିର ମେଳଣ ପଡିଆରେ ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି ଦଶଦୋଳ ଯାତ୍ରା। ଏହା ୭ଦିନ ଧରି ମେଡିକାଲ ପଡିଆରେ ଯାତ୍ରା ଅନୁଷ୍ଠିତ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହେବ। ଏ ଅବସରରେ ଇଟାମାଟିର ୧୭ ଠାକୁର ଗୋପୀନାଥ ଜୀଉ, ଜଗନ୍ନାଥ ଜୀଉ, ବାବା ବିଶ୍ୱନାଥ, ରାଧାକାନ୍ତ, ସତ୍ୟ ନାରାୟଣ ଜୀଉ, ପଶୁପତିନାଥ, ରଘୁନାଥ ଜୀଉ, ବାବା ବାଲୁଙ୍କେଶ୍ୱର, ରାଧାମାଧବ, ଲକ୍ଷ୍ମୀନାରାୟଣ, ଚୈତନ୍ୟବିହାରୀ, ରଘୁନାଥଜୀଉ, ରାହସବିହାରୀ, ଚିତ୍ରକୁଟବିହାରୀ, ନୃସିଂହନାଥ, ବିଶ୍ୱନାଥ, ଚିତ୍ରକୁଟ ବିହାରୀ ଠାକୁର ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଶୁକ୍ରବାର ରାତି ୧୧ଟାରେ ବାହାରି ରାତି ସାରା ଗ୍ରାମ୍ୟ ପରିକ୍ରମା କରି ଭୋର ସମୟରେ ଦୋଳ ମଣ୍ଡପ ନିକଟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ସାତଶଙ୍ଖର କଣ୍ଢେଇ ଖେଳ ଓ ଗଞ୍ଜାମର ଦଶବତାର ନୃତ୍ୟ ମନ ମୋହିଥିଲା। ସେହିଭଳି ପୁରୀର ଗୋଟି ପୁଅ ଓ ନାଗା ନୃତ୍ୟ ଅନୁରୂପ ଚିତାକର୍ଷକ ଥିଲା। ପୁଣି ବାଘେରାର ଘଣ୍ଟ ମେଳ, ଦଶପଲ୍ଲାର ନାମ ମେଳ, ସାତଶଙ୍ଖର ବଡଘୋଡା ଓ ଚଇତି ଘୋଡା, ବିରୁଡାର ରୂପ ମେଳ, ବାହାଡାଝୋଲା ଓ ଘୋଳାହାଣ୍ଡି ଢ଼ୋଲ, ମା' ନାରାୟଣୀ ଓ ବାବା ଚନ୍ଦ୍ର ଶେଖର ଶିଂଘ ବାଜା, ଗୋଜବାୟାଣୀ ଓ ଡଙ୍ଗରବୁଡା ମେଲୋଡି ମଧ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଗାଁ ଦାଣ୍ଡରେ ଶୋଭାଯାତ୍ରା ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ପରିକ୍ରମା ପରେ ୧୭ ଠାକୁର ଦୋଳମଣ୍ଡପରେ ଅବସ୍ଥାନ କଲେ। ଠାକୁରଙ୍କ ଦିନଯାକ ବିଧି ଅନୁସାରେ ପୂଜାର୍ଚ୍ଚନା ଓ ଭୋଗ ଲାଗି ହୋଇଥିଲା। ଭୋର ୪ଟାରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ପୌରାଣିକ ନାଟକ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୁଣି ଭୋଗଲାଗି ପୂଜାର୍ଚ୍ଚନା ପରେ ଠାକୁର ଜଗନ୍ନାଥ ମନ୍ଦିରରେ ଭୋଗ ଖାଇ ମେଲାଣି ନେଇ ନିଜ ଆସ୍ଥାନକୁ ଫେରିଥିଲେ। ଯାତ୍ରା କମିଟି ସଭାପତି ପ୍ରଦୀପ କୁମାର ସେଠୀ ଓ ସମ୍ପାଦକ ମାନସ କୁମାର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ଦଶଦୋଳ ମେଳଣରେ ଭାଗ ନେଇଥିବା ବିମାନ।

# ଆଇନମନ୍ତ୍ରୀଙ୍କୁ ସାକ୍ଷାତ୍‌କଲେ ପୂଜକ ସମାଜ କର୍ମକର୍ତ୍ତା

## ନୀଳମାଧବ ମନ୍ଦିରର ସମସ୍ୟା

ଖଣ୍ଡପଡ଼ା,୧୪।୩(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର ମନ୍ଦିର ପରିଚାଳନାରେ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ଶୁକ୍ରବାର ନୀଳମାଧବ ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର, ସମ୍ପାଦକ ମନୋରଞ୍ଜନ ମିଶ୍ର, ଉପ ସଭାପତି ସୀମାଞ୍ଚଳ ମିଶ୍ର ଓ କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ସାକ୍ଷାତକରି ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ୟାର ସମାଧାନ ଲାଗି ଏକ ୪ ଦଫା ଦାବିସମ୍ବଳିତ ପତ୍ର ପ୍ରଦାନ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ବିପଦସଙ୍କୁଳ ଅବସ୍ଥାରେ ଠିଆ ହୋଇଛି ନୀଳମାଧବ ଜୀଉଙ୍କ ସିଂହଦ୍ୱାର ନିକଟରେ ରହିଥିବା ଅରୁଣ ସ୍ତମ୍ଭଟି ସାମାନ୍ୟ ପବନରେ ମଧ୍ୟ ସମ୍ପୃକ୍ତ ଖୁମ୍ବଟି ହଲୁଥିବାର ପରିଲକ୍ଷିତ ହେଉଛି। କେତେବେଳେ ଏହା ଯେ ଭାଙ୍ଗି ଅଘଟଣ ଘଟିବ କହିହେବ ନାହିଁ। ସମ୍ପର୍କରେ ପୂଜକ ସମାଜ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗ, ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବା ମନ୍ଦିର ପରିସରରେ ଏକ ଆନନ୍ଦ ବଜାର ନିର୍ମାଣ ନିମନ୍ତେ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଛି। ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ କି ଖରାବର୍ଷାରେ ଖୋଲାମେଲାରେ ବସି ପ୍ରସାଦ ସେବନ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ମନ୍ଦିର ପରିଚାଳନା ନିମନ୍ତେ ନିଯୁକ୍ତି ପାଇଥିବା ମ୍ୟାନେଜର ପଦବୀଟି ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲି ପଡିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦବୀ ପୂରଣ ଦିଗରେ ଦେବୋତ୍ତର ବିଭାଗ ଦୃଷ୍ଟି ଦେଉନାହିଁ। ଫଳରେ ଠାକୁର ତଥା ମନ୍ଦିର ପରିଚାଳନାରେ ବିଭିନ୍ନ ବିଶୃଙ୍ଖଳା ଓ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଶୃଙ୍ଖଳିତ ପରିଚାଳନା ପାଇଁ ଜଣେ ମ୍ୟାନେଜର ନିଯୁକ୍ତି ସହିତ ଜଣେ ଓଏଏସ୍ ଅଫିସରଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ଦେବା। ମନ୍ଦିରର ଶୃଙ୍ଖଳିତ ପରିଚାଳନା ନିମନ୍ତେ ଅଧିକ କର୍ମଚାରୀ ନିଯୁକ୍ତି ସହିତ ମନ୍ଦିରର ଚତୁଃପାର୍ଶ୍ୱ ପରିବେଶକୁ ପରିଷ୍କାର, ପରିଚ୍ଛନ୍ନତା, ଆଲୋକୀକରଣ, ବିଭିନ୍ନ ଯାନିଯାତ୍ରାରେ ପର୍ଯ୍ୟଟକଙ୍କୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୋଲିସ ଫୋର୍ସ ମୁତୟନ କରିବା ଆଦି ସମ୍ପର୍କରେ ଦାବି ପତ୍ରରେ ଉଲ୍ଲେଖ ରହିଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିରର ସୁପରିଚାଳନା ନିମନ୍ତେ ୧୦୦ କୋଟି ଟଙ୍କାର କର୍ପସ ଫଣ୍ଡ ପ୍ରଦାନ ଦିଗରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଏ ସବୁ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେବା ସହ ଖୁବ୍‌ଶୀଘ୍ର ନୀଳମାଧବ ଜୀଉଙ୍କ ଦର୍ଶନରେ ମନ୍ତ୍ରୀ ଆସିବାର ପ୍ରତିଶ୍ରୁତି ଦେଇଥିବା ସଭାପତି ମିଶ୍ର ସୂଚନା ଦେଇଥିଲେ।



ଆଇନମନ୍ତ୍ରୀଙ୍କୁ ପୂଜକ ସମାଜ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

